ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ସିଏମ୍‌ସିର ନଜର

# ସିଡିଏ କଣ୍ଟେନମେଣ୍ଟ୍ ଜୋନ୍‌ରେ ରାସ୍ତାଘାଟ ସିଲ୍

କଟକ,୨୯।୬/ଏନ୍‌ଏନ୍‌ଏସ୍: ବଡ଼ମ୍ବ ଥାନା ଅଧିକାରୀଙ୍କ ସ୍ୱାବ୍ ନମୁନାରୁ କରୋନା ପଜିଟିଭ୍ ରିପୋର୍ଟ ଆସିବାପରେ ସେ ରହୁଥିବା ସିଡିଏ ସେକ୍ଟର ୯ ଅଞ୍ଚଳକୁ କଣ୍ଟେନମେଣ୍ଟ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରାଯିବା ସହିତ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ବାଉଁଶ ବାଡ଼ ଦିଆଯାଇଛି। ଏଥିସହିତ ଅଞ୍ଚଳକୁ ସାନିଟାଇଜ୍ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ରହିଛି। ଏହି ଅଞ୍ଚଳକୁ କୌଣସି ଲୋକ ଆସିବା କିମ୍ବା ଏଠାରୁ ଅନ୍ୟସ୍ଥାନକୁ ଯିବା ଉପରେ ମଧ୍ୟ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଇଛି। ସିଡିଏ ସେକ୍ଟର ୯ର ପୂର୍ବରେ ବି-୩୫ ରୁ ଏ-୪୬ର ପଛପଟ, ପଶ୍ଚିମରେ ପ୍ଲଟ ନମ୍ବର ଡି-୧ରୁ ଡି- ୪୯ ସମ୍ମୁଖ ରାସ୍ତା, ଉତ୍ତରରେ ପ୍ଲଟ ନମ୍ବର ବି ୩୫ରୁ ଏ-୪୬ ଆମ୍ବତୋଟା ରାସ୍ତା ଏବଂ ଦକ୍ଷିଣରେ ପ୍ଲଟ ନମ୍ବର ଡି-୪୭ ରୁ ଡି-୪୯ସମ୍ମୁଖ ମୁଖ୍ୟ ରାସ୍ତା ଆଦି ପରିସୀମାକୁ ସିଲ୍ କରାଯିବାସହ ସମସ୍ତ ଜନସାଧାରଣଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନଜର ରଖାଯାଇଛି। ଆଜି ପୂର୍ବାହ୍ଣରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ନୋଡାଲ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ତଦାରଖ କରିବା ସହିତ କଣ୍ଟେନମେଣ୍ଟ ନିୟମ ଯେଭଳି ଉଲଙ୍ଘନ ନହୁଏ ସେଥିନେଇ ଦୃଷ୍ଟିଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜନସାଧାରଣଙ୍କ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାପାଇଁ ସିଏମ୍‌ସି ପକ୍ଷରୁ ବିଭିନ୍ନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଅଞ୍ଚଳରେ ପ୍ରତ୍ୟେକ ଲୋକଙ୍କ ଘରକୁ ଯାଇ ଥଣ୍ଡା, କାଶ, ଜ୍ୱର କିମ୍ବା ଅନ୍ୟାନ୍ୟ ରୋଗ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବାବେଳେ ସମ୍ପୃକ୍ତ କରୋନା ରୋଗୀଙ୍କ ପରିବାର ସଦସ୍ୟଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ପୁନଶ୍ଚ ସମ୍ପୃକ୍ତ ପରିବାର କାହା କାହା ସହିତ କେଉଁଠି କେତେ ସମୟ ମିଶିଥିଲେ ସେ ବିଷୟରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଉଛି। ଆସନ୍ତା ୨ ଦିନ ମଧ୍ୟରେ ଉକ୍ତ ଅଞ୍ଚଳରୁ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯିବାକୁ ଯୋଜନା କରାଯାଇଛି ବୋଲି ଡାକ୍ତର ମହାପାତ୍ର ସୂଚନା ଦେଇଛନ୍ତି। ସିଏମ୍‌ସି କମିଶନରଙ୍କ ତଦାରଖ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ସିଡିଏ ଏସ୍‌ଓ ରଞ୍ଜିତ କୁମାର ସାହୁ, ବିଡ଼ାନାସୀ ଏମ୍‌ଓ ଡାକ୍ତର ଶାଶ୍ୱତ ମହାପାତ୍ର, ସିଡିଏ ୟୁସିଏଚ୍‌ସି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର କାନ୍ତୀ ନାୟକ, ସିଡିଏ ୟୁସିଏଚ୍‌ସି ନିହାର ରଞ୍ଜନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।



ନିତିଦିନ NITIDIN
Tue, Jun 30, 2020
http://odishanewsnitidin.com